## ନର୍ସରୀ ପୋଖରୀ ପ୍ରସ୍ତୁତି

- ଛୋଟ ଓ ଅଗଭିର ପୋଖରୀକୁ ନର୍ସରୀ ହିସାବରେ ବ୍ୟବହାର କରାଯାଏ । ନର୍ସରୀର ଆକାର ୦.୦୧ ରୁ ୦.୧ ହେକ୍ଟର ଭିତରେ ହେଲେ ଭଲ ।
- ଖରାଦିନେ ପୋଖରୀକୁ ସୁଖାଇ ସେଥିରୁ ଅବାଞ୍ଛିତ ମାଛ ଓ ପୋକଜୋକ ମାରିଦେବା ଉଚିତ ।
- ପାଣି ଭଲ ଭାବରେ ଶୁଖି ନପାରୁଥିଲେ ସେଥିରେ ହେକ୍ଟର ମିଟର ପ୍ରତି ୧୦୦ କିଲୋଗ୍ରାମ ୟୁରିଆ ଓ ୨୫୦ କିଲୋଗ୍ରାମ ବ୍ଲିଚିଙ୍ଗ ପାଉଡର ପକାଇ ପୋଖରୀ ସଫା କରାଯାଏ ।
- ପୋଖରୀରେ ବର୍ଷା ପାଣି ବା କେନାଲ ପାଣି ସୂକ୍ଷ୍ମ ଜାଲି ଦ୍ୱାରା ଛାଣି ସଂଗ୍ରହ କରାଯାଏ ।
- ପାଣିର ପି.ଏଚ. (ଅମ୍ଳତ୍ୱ ବା କ୍ଷାରତ୍ୱ) ଅନୁସାରେ ନିମ୍ନଲିଖିତ ଭାବେ ପୋଖରୀରେ ଚୂନ ପ୍ରୟୋଗ କରାଯାଏ ।

| ପି.ଏଚ. | ହେକ୍ଟର ପିଛା ଚୂନର ପରିମାଣ (କି.ଗ୍ରା.) |
|---|---|
| ୬.୧-୬.୫ (ସାମାନ୍ୟ ଅମ୍ଳଯୁକ୍ତ) | ୪୦୦ |
| ୬.୬-୭.୫ (ନାତି ଅମ୍ଳକ୍ଷାରୀୟ) | ୨୦୦ |
| ୭.୬-୮.୫ (ସାମାନ୍ୟ କ୍ଷାରୀୟ) | ୮୦ |

- ଚୂନ ପ୍ରୟୋଗର ୪-୫ ଦିନ ପରେ ଗୋବର ପ୍ରୟୋଗ କରାଯାଏ । ଗୋବର ହେକ୍ଟର ପିଛା ୧୦,୦୦୦ କି.ଗ୍ରା. ବିଭିନ୍ନ କିସ୍ତିରେ ପକାଯାଏ । ଗୋବର ପକାଇଲେ ପୋଖରୀରେ ପ୍ଲବକ (ପ୍ଲାଙ୍କଟନ) ହୁଅନ୍ତି । ପ୍ଲବକ ମାଛ ଯାଆଁଳଙ୍କର ପ୍ରିୟ ଖାଦ୍ୟ ।
- ପୋଖରୀରୁ ପୋକ ମାରିବା ପାଇଁ ତେଲ-ସାବୁନ ପ୍ରୟୋଗର ବିଧି ରହିଛି । ହେକ୍ଟର ପିଛା ୨୦ କିଲୋଗ୍ରାମ ସାବୁନ୍‌ରେ ୬୦ ଲିଟର ତେଲ ମିଶାଇ ପ୍ରୟୋଗ କଲେ ପୋକ ମରିଯାନ୍ତି ।

## ଯାଆଁଳ ପାଳନ :

- ପ୍ରସ୍ତୁତ ହୋଇଥିବା ପୋଖରୀରେ ହେକ୍ଟର ପିଛା ୫୦ ଲକ୍ଷ ଗୁଣ୍ଡ ଯାଆଁଳ ଛଡାଯାଇଥାଏ ।
- ନର୍ସରୀ ପୋଖରୀରେ ଗୁଣ୍ଡ ଯାଆଁଳ ଛଡା ହେବା ପରଦିନ ଠାରୁ କୁଣ୍ଡା ଓ ବାଦାମ ପିଡିଆ ଗୁଣ୍ଡ କରି ଖାଦ୍ୟ ଦିଆଯାଏ ।
- ପ୍ରତି ଲକ୍ଷ ଗୁଣ୍ଡ ଯାଆଁଳ ପିଛା ୧୫୦-୨୦୦ ଗ୍ରା ଗୁଣ୍ଡ ଖାଦ୍ୟ ଦିଆଯାଏ, ପରେ ଖାଦ୍ୟର ପରିମାଣ ଆବଶ୍ୟକତା ଅନୁଯାୟୀ ବଢାଯାଏ ।
- ନର୍ସରୀରେ ସବୁବେଳେ ପ୍ଲବକ (ପ୍ଲାଙ୍କଟନ) ପରିମାଣ ୫୦ ଲିଟର ପାଣି ପ୍ରତି ଅନ୍ୟୁନ ୨ ମି.ଲି. ରହିବା ଦରକାର ।
- ପ୍ଲବକ କମିଗଲେ ପୋଖରୀରେ ପୁନର୍ବାର ଆବଶ୍ୟକ ପରିମାଣର ଗୋବର ଓ ସୁପର ଫସ୍‌ଫେଟ୍ ପକାଇବାକୁ ହୁଏ ।
- ଏହିପରି ଗୁଣ୍ଡ ଯାଆଁଳଙ୍କୁ ପାଳନ କଲେ ପ୍ରାୟ ୧୨-୧୫ ଦିନ ଭିତରେ ସେମାନେ ଛୋଟ (ଇଞ୍ଚିକିଆ) ଯାଆଁଳ (ଫ୍ରାଇ)ରେ ପରିଣତ ହୋଇଯାଆନ୍ତି ଯାହାକି ବିକ୍ରିଯୋଗ୍ୟ ।



Printed by : Saikrupa Graphics, BBSR, Mob. : 9437177775

ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ସହ ଯୋଗାଯୋଗ କରନ୍ତୁ
ଦୂରଭାଷ : ୦୬୭୨୭-୨୯୬୨୩୩

OUAT Publication No.- 2023110051

# ଯାଆଁଳ ଉତ୍ପାଦନ ଓ ନର୍ସରୀ ପୋଖରୀ ପରିଚାଳନା



ମାନସ ରଞ୍ଜନ ବେହେରା

ଅରବିନ୍ଦ ଦାସ

କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଯାଆଁଳ ଉତ୍ପାଦନ ଓ ନର୍ସରୀ ପୋଖରୀ ପରିଚାଳନା

ଆମର ଅତି ପରିଚିତ ରୋହି, ଭାକୁଡ, ମିରିକାଳି, ରୂପାପେଟି (ସିଲଭର କାର୍ପ), ଦଳ ଖାଇ (ଗ୍ରାସ କାର୍ପ) ଓ ବିଲାତି ରୋହି (କମନ କାର୍ପ) ମାଛମାନେ ହେଲେ କାର୍ପ ଜାତିର । ବିଲାତି ରୋହିକୁ ବାଦ ଦେଲେ ଅନ୍ୟ ପାଞ୍ଚ ପ୍ରକାର ମାଛ ପୋଖରୀର ସ୍ଥିର ଜଳରେ ଅଣ୍ଡା ଦେଇ ବଂଶ ବିସ୍ତାର କରିପାରନ୍ତି ନାହିଁ । ତେଣୁ ମାଛ ଚାଷ ପାଇଁ ସବୁବେଳେ ଯାଆଁଳ ଛାଡିବା ଦରକାର ପଡିଥାଏ । କାର୍ପ ମାଛମାନଙ୍କୁ ସ୍ଥିର ଜଳରେ ପ୍ରଜନନ କରାଇବା ପାଇଁ ଏକ ବ୍ୟବସ୍ଥା ରହିଛି, ତାହା ହେଉଛି ପ୍ରଭାବିତ ପ୍ରଜନନ । ପ୍ରଭାବିତ ପ୍ରଜନନ ପ୍ରଣାଳୀରେ ଯଥେଷ୍ଟ ପରିମାଣରେ ଗୁଣ୍ଡ ଯାଆଁଳ ଉତ୍ପାଦନ କରିହୁଏ । ଗୁଣ୍ଡ ଯାଆଁଳ (ସ୍ପନ) କୁ ନର୍ସରୀ ପୋଖରୀରେ ପାଳନ କରି ଛୋଟ ଯାଆଁଳ (ଫ୍ରାଇ ୧୫-୨୫ ମିମି) ଓ ବଡ ଯାଆଁଳ (ଫିଙ୍ଗରଲିଙ୍ଗ ୭୫-୧୦୦ ମିମି) ଉତ୍ପାଦନ କରାଯାଏ । ପ୍ରଭାବିତ ପ୍ରଜନନ ତଥା ଯାଆଁଳ ଉତ୍ପାଦନକୁ ଭିତ୍ତି କରି ବ୍ୟକ୍ତିଗତ ଉଦ୍ୟୋଗ ମାଧ୍ୟମରେ ଖୁବ୍ ଲାଭଜନକ ଆତ୍ମନିଯୁକ୍ତି ମିଳିପାରିବ ।



## ପ୍ରଭାବିତ ପ୍ରଜନନ

ଆଜିକାଲି କାର୍ପମାନଙ୍କ ପ୍ରଭାବିତ ପ୍ରଜନନ ଖୁବ୍ ସହଜରେ କରାଯାଇ ପାରୁଛି । ସାଧାରଣ ମାଛ ଚାଷିମାନେ ମଧ୍ୟ ଏହା ସହଜରେ କରିପାରୁଛନ୍ତି । ପ୍ରଭାବିତ ପ୍ରଜନନ ପ୍ରକ୍ରିୟାରେ କେତେଗୋଟି ଦିଗ ପ୍ରତି ଦୃଷ୍ଟି ଦେଲେ ଯାଆଁଳ ଉତ୍ପାଦନଟି ଖୁବ୍ ସହଜ ହୋଇଥାଏ ।

## ପିଟୁଟାରୀ ସଂଗ୍ରହ

ଭାକୁଡ, ରୋହି, ମିରିକାଳି, ରୂପାପେଟି ଓ ଦଳଖାଇ ଇତ୍ୟାଦି ମାଛମାନେ ପୋଖରୀରେ ପରିପକ୍ୱ ହୁଅନ୍ତି କିନ୍ତୁ ସ୍ୱତଃ ଅଣ୍ଡା ଦେଇ ପାରନ୍ତି ନାହିଁ । ଏହାର କାରଣକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ମାଛମାନଙ୍କ ମୁଣ୍ଡରେ ଥିବା ପିଟୁଟାରୀ ଗ୍ରନ୍ଥିରୁ ଆବଶ୍ୟକତା ଅନୁଯାୟୀ ପ୍ରଜନନ ସମ୍ବନ୍ଧୀୟ ହରମୋନ (ଗୋନାଡୋଟ୍ରପିନ) କ୍ଷରେ ନାହିଁ । ତେଣୁ ଅନ୍ୟ କାର୍ପ ମାଛମାନଙ୍କ ଠାରୁ ପିଟୁଟାରୀ ଗ୍ରନ୍ଥି ସଂଗ୍ରହ କରି ତାକୁ ପ୍ରଜନନକ୍ଷମ କାର୍ପମାନଙ୍କୁ ଇଂଜେକ୍ସନ ମାଧ୍ୟମରେ ଦେଲେ ସେମାନେ ପ୍ରଜନନ କରିଥାନ୍ତି । ପ୍ରଥମେ କିଛି ପରିପକ୍ୱ ମାଛମାନଙ୍କୁ ମାରି ସେମାନଙ୍କ ପିଟୁଟାରୀ ଗ୍ରନ୍ଥିକୁ ଆବ୍‌ସଲ୍ୟୁଟ୍ ଆଲ୍‌କୋହଲ ବା ଏସିଟୋନ୍‌ରେ ସଂଗ୍ରହ କରି ରଖାହୁଏ । ମୌସୁମୀ ଋତୁରେ କାର୍ପ ମାଛମାନେ ପୋଖରୀରେ ପୋଖତ ହୋଇ ଗଲେ ଏହି ପିଟୁଟାରୀ ଗ୍ରନ୍ଥି ବ୍ୟବହାର କରାଯାଏ ।

## ଇଂଜେକ୍ସନ୍ ପ୍ରସ୍ତୁତି

ପିଟୁଟାରୀ ଗ୍ରନ୍ଥି ଗୁଡିକ ଆଲ୍‌କୋହଲ ବା ଏସିଟୋନ୍ ବୋତଲରୁ କାଢି ଫିଲ୍‌ଟର କାଗଜ ଉପରେ ରଖି ୫-୧୦ ମିନିଟ୍ ଶୁଖାଯାଏ ଏବଂ ପରେ ଏହାକୁ ପାଣି ସହିତ ମିଶାଇ କାଚ ଟିସୁ ହୋମଜିନାଇଜର ସାହାଯ୍ୟରେ ଦ୍ରବଣ ତିଆରି କରାଯାଏ । ଏହି ଦ୍ରବଣକୁ ସେଣ୍ଟ୍ରିଫ୍ୟୁଜ କରି ଫ୍ରିଜ୍‌ରେ ରଖିଲେ କିଛିଦିନ ପାଇଁ ବ୍ୟବହାର କରିହୁଏ ।

## ପ୍ରଜନନକ୍ଷମ ମାଛଙ୍କ ଚୟନ

ପ୍ରଭାବିତ ପ୍ରଜନନ ପାଇଁ ଉପଯୁକ୍ତ ପୁରୁଷ ଓ ମାଈ ମାଛ ବାଛିବାଟା ବହୁତ ଗୁରୁତ୍ୱପୂର୍ଣ୍ଣ । ମୌସୁମୀ ଋତୁ ନହେଲେ କାର୍ପ ମାଛ ମାନଙ୍କ ଲିଙ୍ଗ ନିର୍ଣ୍ଣୟ କରିବା କଷ୍ଟକର ହୋଇଥାଏ । ମୌସୁମୀ ଋତୁରେ ନିମ୍ନଲିଖିତ ଉପାୟରେ ଲିଙ୍ଗ ନିର୍ଣ୍ଣୟ କରାଯାଏ ।

- ମାଈ ମାଛମାନଙ୍କ ପେଟ ଫୁଲିଥାଏ ଓ ନରମ ଲାଗେ ।
- ଜନନେନ୍ଦ୍ରିୟଟି ଇସ୍ତ ଲାଲ ଓ ଫୁଲିଲା ଭଳି ଲାଗେ ।
- ଗାଲି ପାଖ ପର ଦୁଇଟି ନାଲୁଆ ଓ ମସୃଣ ଲାଗେ ।
- ପୁରୁଷ ମାଛମାନଙ୍କ ଗାଲି ପାଖ ପର ଦୁଇଟି ବାଲିଦାନା ପରି କର୍କସ ଲାଗେ ।
- ତଳପେଟରେ ସାମାନ୍ୟ ଚାପ ଦେଲେ ପୋଖତ ପୁରୁଷ ମାଛର ଶୁକ୍ର ରସ କ୍ଷରିଥାଏ ।

## ହରମୋନର ଅନୁପାତ ଓ ପ୍ରୟୋଗ

ପିଟୁଟାରୀ ଗ୍ରନ୍ଥିରୁ ପ୍ରସ୍ତୁତ ହରମୋନ୍‌କୁ ମାଈ ମାଛମାନଙ୍କୁ ଦୁଇଥର ଇଂଜେକ୍ସନ୍ ଆକାରରେ ଦିଆଯାଏ । ପ୍ରଥମ ଥର ଇଂଜେକ୍ସନରେ ମାଛ ଓଜନର କିଲୋ ପ୍ରତି ୪-୬ ମିଲିଗ୍ରାମ ପିଟୁଟାରୀ ଦିଆଯାଏ । ଏହାର ୬ ଘଣ୍ଟା ପରେ ସେହି ମାଈ ମାଛକୁ ଦ୍ୱିତୀୟ ଥର ପାଇଁ ୧୦-୧୨ ମିଲିଗ୍ରାମ ହିସାବରେ ପିଟୁଟାରୀ ଇଂଜେକ୍ସନ ଦିଆଯାଏ । ପୁରୁଷ ମାଛମାନଙ୍କୁ ଥରେ ମାତ୍ର ଇଂଜେକ୍ସନ କିଲୋପ୍ରତି ୪-୬ ମିଲିଗ୍ରାମ ମାଈ ମାଛର ଦ୍ୱିତୀୟ ଇଂଜେକସନ ସମୟରେ ଦିଆଯାଏ ।



ଆଜିକାଲି କାର୍ପ ମାଛମାନଙ୍କ ପ୍ରଜନନ ପାଇଁ ଆଉ ପିଟୁଟାରୀ ସଂଗ୍ରହ କରି ବ୍ୟବହାର କରିବା ଦରକାର ପଡୁନି । 'ଓଭାପ୍ରିମ୍' ଓ 'ଓଭାଟାଇଡ' ପରି କେତେକ ହରମୋନ ବଜାରରେ ମିଳୁଛି । ଏହିସବୁ ହରମୋନ ମାଈ ମାଛମାନଙ୍କୁ କିଲୋପିଛା ୦.୫ ମି.ଲି. ଓ ପୁରୁଷ ମାଛମାନଙ୍କୁ ୦.୨ ମି.ଲି. ଦେଇ ଗୋଟିଏ ଇଂଜେକ୍ସନରେ ପ୍ରଜନନ କରାହେଉଛି ।

## ପ୍ରଜନନ ପ୍ରଣାଳୀ

ପିଟୁଟାରୀ ହରମୋନ ହେଉ ବା ଓଭାପ୍ରିମ ଓ ଓଭାଟାଇଡ ହେଉ ଉଭୟ ମାଈ ଓ ପୁରୁଷ ମାଛମାନଙ୍କୁ ଇଂଜେକ୍ସନ୍ ଦେବା ପରେ ସେମାନଙ୍କୁ ପ୍ରଜନନ ହାପା ବା ହାଚେରୀର ପ୍ରଜନନ କୁଣ୍ଡରେ ରଖାଯାଏ । ଏଠାରେ ପିଟୁଟାରୀ ଇଂଜେକ୍ସନର ୧୦-୧୨ ଘଣ୍ଟା ପରେ ବା ଓଭାପ୍ରିମ/ଓଭାଟାଇଡ ଇଂଜେକ୍ସନ୍‌ର ୬-୭ ଘଣ୍ଟା ପରେ ମାଛମାନେ ଅଣ୍ଡା ଦିଅନ୍ତି ।

ଅଣ୍ଡାଗୁଡିକ ହ୍ଚଟନ ହାପାରେ ବା ହାଚେରୀର ହାଚିଙ୍ଗ କୁଣ୍ଡରେ ଛୁଆ ଫୁଟିବା ପର୍ଯ୍ୟନ୍ତ ରଖିବାକୁ ପଡିଥାଏ । ପ୍ରାୟ ୧୬-୧୮ ଘଣ୍ଟାରେ ଅଣ୍ଡାରୁ ଛୁଆ ଫୁଟିଥାଏ । ଏହିପରି ଉପାୟରେ ଏକ କିଲୋ ମାଈ ମାଛ ଠାରୁ ପ୍ରାୟ ଏକ ରୁ ଦେଢ ଲକ୍ଷ ପର୍ଯ୍ୟନ୍ତ ଗୁଣ୍ଡ ଯାଆଁଳ ମିଳିଥାଏ । ନବଜାତ ମାଛ ଛୁଆଙ୍କୁ ଗୁଣ୍ଡ ଯାଆଁଳ ବା ସ୍ପନ କୁହନ୍ତି । ସ୍ପନ ଗୁଡିକ ପ୍ରାୟ ୩ ଦିନ ସେହି ହାପା ବା ହାଚେରୀ କୁଣ୍ଡରେ ରହିଲା ପରେ ନର୍ସରୀ ପୋଖରୀକୁ ଯିବା ପାଇଁ ଉପଯୁକ୍ତ ହୁଅନ୍ତି ।

ଆଜିକାଲି ଆମ ରାଜ୍ୟରେ ଅନେକ ଚାଷି ହାଚେରୀମାନ କରି ମାଛ ଯାଆଁଳ ଉତ୍ପାଦନ କରୁଛନ୍ତି ଓ ଲାଭବାନ ହେଉଛନ୍ତି । ବ୍ୟାଙ୍କମାନେ ମଧ୍ୟ ଋଣ ମାଧ୍ୟମରେ ପୁଞ୍ଜି ବିନିଯୋଗ କରୁଛନ୍ତି ।

## ନର୍ସରୀ ପୋଖରୀ ପରିଚାଳନା

ଯାଆଁଳ ଚାଷ ମାଛ ଚାଷ ଠାରୁ କମ୍ ସମୟରେ ଅଧିକା ଲାଭ ଦେଇଥାଏ । ଗୁଣ୍ଡ ଯାଆଁଳମାନଙ୍କୁ ନର୍ସରୀ ପୋଖରୀରେ ପାଳନ କରି ଛୋଟ ଯାଆଁଳ (ଫ୍ରାଇ) ଓ ବଡ ଯାଆଁଳ (ଫିଙ୍ଗରଲିଙ୍ଗ) ପ୍ରସ୍ତୁତ କରାଯାଏ ।